ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଅଗଷ୍ଟ ୨୮/୨୦୧୯ Rayagada, Wednesday, August. 28/ 2019

# ଆରମ୍ଭରୁ ଅଧିକାରୀଙ୍କୁ ଟାର୍ଗେଟ୍ କଲେ ଲୋକ ପ୍ରତିନିଧି

ବୋରିଗୁମ୍ମା, ୨୭।୮ (ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମାରେ ମଙ୍ଗଳବାର ସାଧାରଣ ନିର୍ବାଚନ ପରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହା ହୋହଲ୍ଲାରେ ସରିଛି। ବ୍ଲକ ଅଧକ୍ଷା ବିମଳା ଚାଲାଣଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶଚନ୍ଦ୍ର ମାଝି, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଉପାଧକ୍ଷ ଜେ. ଶ୍ରୀନିବାସ ରାଓ, ବିଡିଓ ପ୍ରଣୟ ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ସମ୍ଭୁ ଭତରା ଯୋଗ ଦେଇଛନ୍ତି। ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପ୍ରଶାସନିକ ଅଧିକାରୀ ଅଣଦେଖା କରୁଥିବା ବୈଠକରେ ଅଭିଯୋଗ ହୋଇଛି। ଅଧିକାରୀମାନେ ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଉ ନଥିବା ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଅଭାବ, ବିଶେଷଜ୍ଞ ଡାକ୍ତର ଗୋଟିଏ ହେଲେ ନ ଥିବା ସହ ବିଭିନ୍ନ କେନ୍ଦ୍ରରେ ଏଏନ୍‌ଏମ୍‌ମାନେ ରହୁ ନ ଥିବା, ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଥିବା ଛତୁଆ ନିମ୍ନମାନର ଅଭିଯୋଗ ହୋଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକିଣା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ମାତ୍ର ୪ଟି ଗୋଷ୍ଠୀଙ୍କୁ ହିଁ ଏହି କାର୍ଯ୍ୟ ପାଇଁ ନିମନ୍ତ୍ରିତ କରାଯିବା ସହ ଅନ୍ୟମାନଙ୍କୁ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ ଉଠିଥିଲା । ଆବାସ ଯୋଜନା ସମେତ ଖାଉଟି କାର୍ଡ, ବିଭିନ୍ନ ଯୋଜନାରେ ସଠିକ୍ ହିତାଧିକାରୀ ଚୟନ ହୋଇପାରୁ ନ ଥିବା କୁହାଯାଇଥିଲା। ପ୍ରଶାସନିକ ଉଦାସୀନତା ଯୋଗୁ ରାସ୍ତାଘାଟ ନିର୍ମାଣ ପାଇଁ ଯୋଜନାର ସଠିକ୍ ରୂପରେଖ ହୋଇପାରୁ ନ ଥିବା ଅତି ଦୁଃଖଦ ଘଟଣା ବୋଲି ଏମ୍‌ପି ମାଝି କହିଥିଲେ। ଶିକ୍ଷାକ୍ଷେତ୍ରରେ ବିଭାଗର ଉଦାସୀନତା ସହ ଜାଲ ସାର୍ଟିଫିକେଟ ଯାଞ୍ଚ କରାଯାଇ ଜିଲାଭିତ୍ତିକ ନିଯୁକ୍ତିକୁ ଦଳମତ ନିର୍ବିଶେଷରେ ପ୍ରାଧାନ୍ୟ ପାଇଁ କହିଥିଲେ ବିଧାୟକ ବାହିନୀପତି କହିଥିଲେ। ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କୁ ଅଧିକ ସକ୍ରିୟ ରହିବା ପାଇଁ ଏମ୍‌ପି ଉଲ୍ଲାକା ଗୁରୁତ୍ୱ ଦେଇଥିଲେ । ସମସ୍ତ ଅଭିଯୋଗର ପୁଙ୍ଖାନୁପୁଙ୍ଖ ସମୀକ୍ଷା ପରେ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ମନ୍ତ୍ରୀ ଦିଆନ କହିଥିଲେ। ପାନୀୟଜଳ ଯୋଗାଣ କ୍ଷେତ୍ରରେ ପିସି କାରବାର, ନିଜ ଲାଭ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗର ଚେକ୍‌ଡ୍ୟାମ୍ ନିର୍ମାଣକୁ ବିରୋଧ କରାଯାଇ ଏହାର ତଦନ୍ତ ଦାବି କରାଯାଇଥିଲା। ଜନପ୍ରତିନିଧିଙ୍କୁ ଉଚିତ ସମ୍ମାନ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ନିଆଯିବ ବୋଲି ସମିତି ସଭ୍ୟ ଦାଶ ଭତରା, ଚିତ୍ର ଗାଦବା, ଦୁଲଭ ମାଙ୍ଗଲୀ, ସରପଞ୍ଚ ବାବୁଲି ମୁଦୁଲି କହିଥିଲେ। ଏବିଡିଓ ଗୋକୁଳାନନ୍ଦ ଭଞ୍ଜ, ଜିପିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ନେତା ଓ ଅଧିକାରୀ ।

**ପ୍ରଥମ ପଞ୍ଚାୟତ ସମିତି ବୈଠକ**
- ଲୋକ ପ୍ରତିନିଧିଙ୍କୁ ଅଣଦେଖା ନେଇ ହୋହଲ୍ଲା
- ଜାଲ୍ ସାର୍ଟିଫିକେଟ୍ ଯାଞ୍ଚ, ଜିଲାଭିତ୍ତିକ ନିଯୁକ୍ତିକୁ ପ୍ରାଧାନ୍ୟ

# ମହିଳା ମାଓବାଦୀ କମାଣ୍ଡର ମଙ୍ଗଳି ଗିରଫ

ମାଲକାନଗିରି, ୨୭।୮ (ସ୍ୱ.ପ୍ର.)

ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ପୋଲସିକୁ ଏକ ବଡ ସଫଳତା ମିଳିଛି। ଗୋଇନ୍ଦା ବିଭାଗ ସୂଚନାକୁ ଭିତ୍ତିକରି ମହିଳା ମାଓବାଦୀ କମାଣ୍ଡର ମଙ୍ଗଳି କବାସୀଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିବା ଦାନ୍ତେୱାଡା ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଙ୍ଗଳିଙ୍କ ନାଁରେ ଆଠଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ୨୦୧୩ରୁ ମଙ୍ଗଳି କଟେକଲ୍ୟାଣ ଏରିଆ କମାଣ୍ଡର ଭାବେ କାମ କରୁଥିଲେ। ସେ ଛତିଶଗଡ଼ରେ ହୋଇଥିବା ଅନେକ ବଡ ମାଓବାଦୀ ଆକ୍ରମଣରେ ସକ୍ରିୟ ଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ମଙ୍ଗଳି କଟେକଲ୍ୟାଣ ଅଞ୍ଚଳରେ ବୁଲୁଥିବା ନେଇ ଦାନ୍ତେୱାଡ଼ା ପୋଲିସକୁ ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଥିଲା। ଏହାପରେ ଡିଆରଜି ଓ ସିଆରପିଏଫ ଯବାନ ସର୍ଚ୍ଚ ଅପରେଶନ କରି ମଙ୍ଗଳିଙ୍କୁ ଗିରଫ କରିଥିଲେ।








# ଛାତ୍ରୀ ଗର୍ଭବତୀ ହେବା ଘଟଣାର ତଦନ୍ତ ଆରମ୍ଭ

କୋରାପୁଟ/ନନ୍ଦପୁର, ୨୭।୮ (ସ୍ୱ.ପ୍ର./ ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଏକ ଆବାସିକ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହେବା ଘଟଣାର ମଙ୍ଗଳବାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ ଓ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ସଂପୃକ୍ତ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ପଟ୍ଟନାୟକ, ଛାତ୍ରୀ ନିବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଆରତୀ ଜେନା, ସ୍ୱାସ୍ଥ୍ୟ ସେବିକା ଏବଂ ଅନ୍ୟ କର୍ମଚାରୀ, ପରିଚାଳନା କମିଟି ସଭାପତିଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଛନ୍ତି। ଏହାପରେ ଅଧିକାରୀମାନେ ପୀଡ଼ିତା ଛାତ୍ରୀଙ୍କ ଗାଁ ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ବିରିଗୁଡ଼ା ଗ୍ରାମକୁ ଯାଇ ତାଙ୍କ ବୟାନ ରେକର୍ଡ କରିବା ସହ ପରିବାର ବର୍ଗଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏନେଇ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯାଇଛି। ସେ ରିପୋର୍ଟ ଦେଖିବା ପରେ ଯାହା ନିର୍ଦ୍ଦେଶ ଦେବେ, ତାହା କାର୍ଯ୍ୟକାରୀ ହେବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି। ଉକ୍ତ ଛାତ୍ରୀ ନିବାସରେ କୌଣସି ଶିକ୍ଷୟିତ୍ରୀ, ୱାର୍ଡେନ କିମ୍ବା ସୁରକ୍ଷା ବ୍ୟବସ୍ଥା ନ ଥିବା ଯୋଗୁ ଛାତ୍ରୀଙ୍କ ସହ ଏତେ ବଡ଼ ଘଟଣା ଘଟିଗଲା ବୋଲି ଅଭିଯୋଗ ହୋଇଛି।






## ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ଗୁରୁତର

ଦଶମନ୍ତପୁର, ୨୭।୮ (ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପୋଡାଗଡ଼ ପଞ୍ଚାୟତ ଖ୍ରୀଷ୍ଟିୟାନ୍‌ସାହି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଦୁଦୁରାଗୁଡା ଗ୍ରାମର ଡମ୍ବରୁଧର ପାଇକ (୩୦)। ସାମାଜିକ କର୍ମୀ ନରେନ୍ଦ୍ର କନ୍ଧାପନ, ସିଦ୍ଧାର୍ଥ କୁଳଦୀପ, କିରନ୍‌ଚାନ୍ଦ ଡୁରୁକ୍, ସଲମନ ବେନ୍ୟା, ଟିପୁ କନ୍ଧପାନ ପ୍ରମୁଖ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେ ପୋଡାଗଡ଼ଠାରୁ ନିଜ ଗାଁକୁ ବାଇକରେ ଫେରୁଥିବା ହଠାତ୍ ଏକ କୁକୁର ପଶିଆସିବାରୁ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।

## କୋଲାବ ନଦୀରେ ଭାସିଗଲେ ଯୁବକ

ଜୟପୁର, ୨୭।୮ (ଡି.ଏନ.ଏ)

ସ୍ଥାନୀୟ କୋଲାବ ନଦୀକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ଭାସିଯାଇଛନ୍ତି । ସେ ହେଲେ ଜୟପୁର ସଦରଥାନା ଘାଟବାଗରା ଗ୍ରାମର ମକର ପାତ୍ର । ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ଅପରାହ୍ନ ୪ଟାରେ ସେ ମାଛ ଧରିବାକୁ ନିକଟସ୍ଥ କୋଲାବ ନଦୀକୁ ଯାଇଥିଲେ। ବର୍ଷା ହେଉଥିବା ଯୋଗୁ ଉପରମୁଣ୍ଡରୁ ହଠାତ ନଦୀର ପାଣି ବୃଦ୍ଧି ପାଇଥିଲା। ଏହାର ପାଣି ସ୍ରୋତରେ ସେ ଭାସିଯାଇଥିଲେ । ଏନେଇ ଗାଗନାପୁର ଫାଣ୍ଡି କିମ୍ବା ଅଗ୍ନିଶମ କର୍ମଚାରୀଙ୍କ ନିକଟରେ କୌଣସି ସୂଚନା ନ ଥିବା ଜଣାଯାଇଛି ।






## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର, ୨୭।୮ (ନି.ପ୍ର)

ପଟ୍ଟା ପ୍ରଦାନ ଦାବିରେ ଜୟପୁର ବନ୍ଧଗାଟୁ ସାହିବାସିନ୍ଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି । ଏନେଇ ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବନ୍ଧଗାଟୁ ସାହିବାସିନ୍ଦା ୧୦୦ ବର୍ଷ ହେବ ଏମଜି ରୋଡକଡରେ ଥିବା ବନ୍ଧ ହୁଡାରେ ରହିଆସୁଛନ୍ତି। ସେମାନଙ୍କୁ ପ୍ରଶାସନ ତରଫରୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ଲାଗି ସର୍ଭେ କରାଯାଇ ଜମି ନମ୍ବର ପ୍ରଦାନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜମି ପଟ୍ଟା ପ୍ରଦାନ କରାଯିବ ନାହିଁ ବୋଲି ଜଣାଇ ଦିଆଯାଇଥିଲା। ଏଠାରେ ପ୍ରାୟ ୯୩ ଟି ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଜୟପୁର ସହରରେ ଥିବା ଏହି ସାହିରେ ସରକାରଙ୍କ କୌଣସି ଯୋଜନା ପହଞ୍ଚି ନ ଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା । ଦାବିପତ୍ର ପ୍ରଦାନ ସମୟରେ ବନ୍ଧଗାଟୁ ସାହିର ମନ ହରିଜନ, ସୁବାସ ପୋଡ,ବିମାଳା ଗୌଡ଼,ପରନ ହରିଜନ ,ଫୁଲ ହରିଜନଙ୍କ ଶହ ଶତାଧିକ ସାହି ବାସିନ୍ଦା ଉପସ୍ଥିତ ଥିଲେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

